ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୨୫ ଫେବୃୟାରୀ, ୨୦୨୦



## ସଂକ୍ଷେପରେ

### ଯୁବତୀଙ୍କ ଆତ୍ମହତ୍ୟା

**ଗୋପାଳପୁର,୨୪।୨:** ଗୋପାଳପୁର ଥାନା ତେରଇଗଞ୍ଜୁ ଗ୍ରାମର ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମୁନି ବେହେରା। କୌଣସି ଏକ କଥାକୁ ନେଇ ମୁନି ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଗତ ୨୨ ତାରିଖରେ ଘରେ କେହି ନ ଥିବା ବେଳେ ସେ କୌଣସି ବିଷାକ୍ତ ଜିନିଷ ଖାଇ ଦେଇଥିଲେ। କିଛି ସମୟ ପରେ ସେ ବାନ୍ତି କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ମୁନିଙ୍କ ମୃତ୍ୟୁ ଘଟିଥିଲା। ଗୋପାଳପୁର ଥାନା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ସୋମବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ମୁନିଙ୍କ ଭାଇଙ୍କ ଅଭିଯୋଗରେ କ୍ରମେ ପୋଲିସ ନଂ. ୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ମହିଳା ସଂଘର ଅଭିଯୋଗ ପରେ ମଦ ଜବତ

**ବେଗୁନିଆପଡ଼ା,୨୪।୨(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ ମୁଣ୍ଡୁଳା ଗ୍ରାମରେ ସୋମବାର ପୋଲିସ ଦୁଇ ଜଣଙ୍କ ଘରୁ ୨ ବସ୍ତା ଦେଶୀ ମଦ ପାଉଚ ଜବତ କରିଛି। ଏଥିରେ କାହାରିକୁ ଗିରଫ କରି ନ ଥିବା ଫାଣ୍ଡି ଅଧିକାରୀ ଦୀପ୍ତି ରଞ୍ଜନ ବେହେରା କହିଛନ୍ତି। ରବିବାର ମୁଣ୍ଡୁଳ ଗ୍ରାମର ପ୍ରାୟ ୮୦ ସ୍ୱୟଂ ସହାୟକ ଗୋଷ୍ଠୀର ୬୦୦ରୁ ଊର୍ଦ୍ଧ୍ୱ ମହିଳା ଶକଳେଶ୍ୱର ମନ୍ଦିରଠାରେ ଏକତ୍ରିତ ହୋଇ ଏକ ସଭା କରିଥିଲେ। ମଦ ବିକ୍ରି ଯୋଗୁ ସ୍ୱାସ୍ଥ୍ୟ ହାନି ସହିତ ଗ୍ରାମରେ ଅଶାନ୍ତି ସୃଷ୍ଟି ହେଉଥିବାରୁ ଏହାକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିବା ସହିତ ଯେଉଁମାନେ ମଦ ବ୍ୟବସାୟୀ କରୁଛନ୍ତି ସେମାନଙ୍କୁ ମଦ ବିକ୍ରି ନ କରିବାକୁ କହିଥିଲେ। ଏହା ପରେ ମଧ ମଦ ବିକ୍ରି ହେଉଥିବା ଖବର ପାଇ ସୋମବାର ପୁଣି ଏକ ବୈଠକ କରି ବେଗୁନିଆପଡ଼ା ଫାଣ୍ଡିରେ ଅଭିଯୋଗ କରିଥିଲେ। ତଦନ୍ତ କରି ମଦ ବିକ୍ରେତାଙ୍କ ନାଁରେ କେସ ରୁଜୁ କରାଯିବ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି।

### ଆମ୍ବୁଲାନ୍ସ ପରିଚାଳନା କମିଟି ବୈଠକ

**ଛତ୍ରପୁର,୨୪।୨(ଡି.ଏନ.ଏ):** ଗଞ୍ଜାମ ଜିଲାରେ ଥିବା ୧୦୮ ଓ ୧୦୨ ଆମ୍ବୁଲାନ୍ସ ପରିଚାଳନା କମିଟି ବୈଠକ ସୋମବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଜିଲାକୁ ଆଉ ୨୦ଟି ଆମ୍ବୁଲାନ୍ସ ଯୋଗାଇବା ପାଇଁ ସରକାରଙ୍କୁ ଚିଠି ଲେଖାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ବର୍ତ୍ତମାନ ଜିଲାରେ ୩୫ଟି ୧୦୮ ଆମ୍ବୁଲାନ୍ସ ଓ ୪୪ଟିରୁ ୪୦ଟି ୧୦୨ ଆମ୍ବୁଲାନ୍ସ କାର୍ଯ୍ୟକ୍ଷମ ରହିଛି। ଖୁବ୍‌ଶୀଘ୍ର ଆଉ ୪ଟି ଆମ୍ବୁଲାନ୍ସ ଆସିବ। ବ୍ରହ୍ମପୁରର ଆମ୍ବପୁଆ, ଫାଷ୍ଟଗେଟ୍ ଏବଂ ଆବଶ୍ୟକ ପଡୁଥିବା ତଥା ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନ ଚିହ୍ନଟ କରି ସେଠାରେ ଆମ୍ବୁଲାନ୍ସ ରଖିବାକୁ କୁହାଯାଇଛି। ଏଥିସହ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ ସହ ଅଧାବାଟରେ ନ ଛାଡିବାକୁ କୁହାଯାଇଥିଲା। ବୈଠକରେ ଭାରପ୍ରାପ୍ତ ସିଡିଏମଓ ଆର୍. ଜଗଦୀଶ ପଟ୍ଟନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ, ଗଞ୍ଜାମ ଓ ବ୍ରହ୍ମପୁର ଡିଏସି, ଏଆରଟିଓ ପ୍ରମୁଖ ଉପସ୍ଥିତ ଥିଲେ।

### ଟୋକନ୍ ସମସ୍ୟା, ବିକ୍ରି ହୋଇପାରୁନି ଧାନ

**ଛତ୍ରପୁର,୨୪।୨(ଡି.ଏନ.ଏ.):** କବିସୂର୍ଯ୍ୟନଗର ବ୍ଲକ ଖୋଜାପଲ୍ଲୀ ପଞ୍ଚାୟତର ଚାଷୀମାନେ ଧାନ ବିକ୍ରି ସମସ୍ୟା ନେଇ ସୋମବାର ଛତ୍ରପୁର ଆସି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଖୋଜାପଲ୍ଲୀରେ ଧାନକ୍ରୟ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ୮୦୦ ଶହରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ଚାଷୀମାନେ ବିକ୍ରି କରିବା ପାଇଁ ଅପେକ୍ଷା କରିଛନ୍ତି। ହେଲେ ଟୋକନ ମିଳି ନ ଥିବାରୁ ଧାନ ବିକ୍ରି ହୋଇପାରୁ ନାହିଁ। ଧାନ ଏବେ ବିଲରେ ପଡିରହିଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଖୋଜାପଲ୍ଲୀର ବନମାଳୀ ବିଷୋୟୀ, ମଞ୍ଜୁ ସ୍ୱାଇଁ, ରୀତା ସ୍ୱାଇଁ, ଦୟ ବିଷୋୟୀ, କବିରାଜ ସ୍ୱାଁଇ, ଅଭି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଜିପ୍‌ରେ ପରୀକ୍ଷାର୍ଥୀଙ୍କୁ ଘରେ ଛାଡ଼ିଲେ ତହସିଲଦାର

**ଦିଗପହଣ୍ଡି,୨୪।୨(ଡି.ଏନ.ଏ.)**

ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ସୋମବାର ମଧ୍ୟାହ୍ନରେ ଫାଶିଗୁଡା ଗ୍ରାମ ହାଇସ୍କୁଲ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ଫେରୁଥିବା ବେଳେ ଭୀଷ୍ମଗିରି-ନିମଖଣ୍ଡି ପେଣ୍ଠ ମୁଖ୍ୟ ରାସ୍ତାରେ ମାଟ୍ରିକ ପରୀକ୍ଷାର୍ଥୀମାନେ ୨ଟି ଅଟୋରେ ବିପଦସଙ୍କୁଳ ଅବସ୍ଥାରେ ଘରକୁ ଫେରୁଥିବା ଦେଖିଥିଲେ। ରାସ୍ତାରେ ଅଟୋ ଦୁଇଟିକୁ ଅଟକାଇ ଅଟୋ ଚାଳକଙ୍କୁ ତାଗିଦ୍ କରିବା ସହ ପରୀକ୍ଷାର୍ଥୀଙ୍କୁ ଖମାରିଗାଁ ପଞ୍ଚାୟତ ଶଙ୍କର ଖାଳିଗାଁ ଏବଂ ନିମଖଣ୍ଡି ପେଣ୍ଠ ଗାଁ ସ୍ଥିତ ପରୀକ୍ଷାର୍ଥୀଙ୍କ ଘରେ ଛାଡିଥିଲେ। ପରୀକ୍ଷାର୍ଥୀଙ୍କୁ ତହସିଲଦାର ବିଭିନ୍ନ ବିଷୟରେ ପ୍ରଶ୍ନ ପଚାରି ଉତ୍ତର ଦେବା


ତହସିଲ ଜିପରେ ଘରକୁ ଫେରୁଛନ୍ତି ପରୀକ୍ଷାର୍ଥୀ।

ସହ ପରୀକ୍ଷା ପାଇଁ କଠିନ ପରିଶ୍ରମ କରିବାକୁ କହିଥିଲେ। ପରେ ସେମାନଙ୍କ ଅଭିଭାବକଙ୍କୁ ଡକାଇ ପରୀକ୍ଷା କେନ୍ଦ୍ରକୁ ପିଲାଙ୍କୁ ନେବାଆଣିବା ନିମନ୍ତେ

**ଅଟୋ ଯୋଗେ ବିପଦସଙ୍କୁଳ ଅବସ୍ଥାରେ ଫେରୁଥିଲେ**

ବିକଳ୍ପ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟକୁ ପାସେଞ୍ଜର ଅଟୋ ଯୋଗେ ଛାତ୍ରୀଛାତ୍ରଙ୍କ ଯାତାୟତ ପ୍ରତି ରାଜ୍ୟ ସରକାର କଟକଣା ଜାରି କରିଛନ୍ତି। ନିକଟରେ ସ୍କୁଲ ଅଟୋରୁ ପଡ଼ି ଦିଗପହଣ୍ଡିରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିବା ସହ ଏକାଧିକ ଦୁର୍ଘଟଣା ଘଟୁଥିବାରୁ ଅଟୋରେ ଛାତ୍ରୀଛାତ୍ରମାନଙ୍କୁ ନେବା ଆଣିବା ପ୍ରତି ପୋଲିସ ଓ ପ୍ରଶାସନିକ ସ୍ତରରେ ସଚେତନତା କରାଯାଉଛି ବୋଲି ତହସିଲଦାର କହିଛନ୍ତି। ଅପରପକ୍ଷରେ ଅଭିଭାବକମାନେ ପିଲାଙ୍କୁ ବିଦ୍ୟାଳୟକୁ କିଭଳି ପଠାଇବେ ଚିନ୍ତାରେ ପଡିଛନ୍ତି।

# ଶ୍ରାଦ୍ଧବାର୍ଷିକୀରେ କୃତୀ ଛାତ୍ରୀଛାତ୍ର ପୁରସ୍କୃତ



ମଞ୍ଚାସୀନ ଅତିଥିବୃନ୍ଦ।

**କୋଦଳା,୨୪।୨(ଡି.ଏନ.ଏ.)**

କୋଦଳାର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ଗୋବିନ୍ଦ ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଗୁନିଆପଡ଼ା ବ୍ଲକର ୨୦୧୮-୧୯ ବର୍ଷର ମାଟ୍ରିକ ଟପ୍ପର ୩ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ନଗର କଂଗ୍ରେସ ସଭାପତି ତଥା ଗୋବିନ୍ଦ ସାହୁ ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ଅଜିତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଶିକ୍ଷାବିତ ତଥା ପୁରୁଷୋତ୍ତମପୁର ହିନ୍ଦୀ ପ୍ରଚାର ସଭାର କୁଳସଚିବ ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ଆଇନଜୀବୀ ଉଦୟନାଥ ପ୍ରଧାନ, ମୁଖ୍ୟବକ୍ତା ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ବୃନ୍ଦାବନ ପାଣ୍ଡି, ମହିଳା ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷା ସରୋଜିନୀ ବ୍ରହ୍ମା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉପମନ୍ୟୁ ଶତପଥୀ, ଆଠଗଡ଼ ନାରାୟଣ ମହାବିଦ୍ୟାଳୟର ପ୍ରତିଷ୍ଠାତା ବୃନ୍ଦାବନ ନାୟକ ପ୍ରମୁଖ ଯୋଗଦେଇ ମର୍ଦ୍ଦମେଖ ଯୁଜି ହାଇସ୍କୁଲ ଛାତ୍ର ରାଜେଶ କୁମାର ପଣ୍ଡା, ଫାସି ମାଣିକେଶ୍ୱର ବିଦ୍ୟାପୀଠର ପୂଜା ସାଥୁଆ ଓ ଏସ.ଛଚିନା ଆରକେ ହାଇସ୍କୁଲର ସୁଧୀର କୁମାର ଗୌଡ଼ଙ୍କୁ ପୁରସ୍କୃତ କରିଥିଲେ।

# ସରସ୍ୱତୀ ବିଦ୍ୟାମନ୍ଦିରରେ ସ୍କାଉଟ୍‌ସ ଓ ଗାଇଡ୍‌ସର ଚିନ୍ତନ ଦିବସ



ମଞ୍ଚାସୀନ ଅତିଥି।

**ବ୍ରହ୍ମପୁର ଅଫିସ,୨୪।୨**

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସର ଚିନ୍ତନ ଦିବସ ଶନିବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଏସ୍.ମୋହନ ରାଓ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଓ ଜିଲା ସମ୍ପାଦକ ଭାଗୀରଥି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ପତାକା ଉତ୍ତୋଳନ ସମାରୋହ, ଜନସଚେତନତା ଶୋଭାଯାତ୍ରା ଓ ସ୍କାଉଟ ଗାଇଡ୍‌ମାନଙ୍କ ସେବା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବତନ ଜିଲା କମିଶନର ରାମ ଚନ୍ଦ୍ର ବିଷୋୟୀ, ସହକାରୀ ଜିଲା କମିଶନର ରାମହରି ସାହୁ, ସଙ୍ଗଠନ କମିଶନର ଲକ୍ଷ୍ମୀନାରାୟଣ ପଣ୍ଡା ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ସ୍କାଉଟ ମାଷ୍ଟର ବ୍ରଜ କିଶୋର ଦାଶ, ରାଜେଶ ପଣ୍ଡା, ଗାଇଡ କ୍ୟାପଟେନ୍ ପୂର୍ଣ୍ଣିମା ଆଚାର୍ଯ୍ୟ ଓ ନିନି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭାରତ ସ୍କାଉଟ ଓ ଗାଇଡ୍‌ର ଗଠନ, ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ଅତିଥିମାନେ ମତବ୍ୟକ୍ତ କରିବା ସହ ଦେଶ ସେବାରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍କୁଲରୁ ୧୨୦ ସ୍କାଉଡ ଓ ଗାଇଡ୍ ଯୋଗ ଦେଇଥିଲେ। ଶିଶୁ ମନ୍ଦିର ଅଧ୍ୟକ୍ଷ ଉମାଧବ ମହାନ୍ତି ଉତ୍ତମ ଛାତ୍ର ଗଠନ ବିଷୟରେ ଆଲୋକପାତ କରିବା ସହ ଧନ୍ୟବାଦ ଦେଇଥିଲେ।

## ବିଦ୍ୟୁତ୍ ତାରରେ ଯୁବକଙ୍କ ମୃତ୍ୟୁ ଘଟଣା: ୩ ଗିରଫ

**ଖଲ୍ଲିକୋଟ,୨୪।୨(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ପିହାଣିଆ ଗ୍ରାମ ନିକଟ ଜମିରେ ଗତ ନଭେମ୍ବର ୨୦୧୯ରେ ବାର୍‌ହା ଶିକାର ପାଇଁ ବିଦ୍ୟୁତ ତାର ବିଛାଯାଇଥିଲା। ଏହା ସଂସ୍ପର୍ଶରେ ଆସି ପିହାଣିଆ ଗ୍ରାମର ଧୋବା ସିଂଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଧୋବାଙ୍କ ସ୍ତ୍ରୀ ଖଲ୍ଲିକୋଟ ଥାନାରେ ଏତଲା ଦେଇଥିଲେ। ଖଲ୍ଲିକୋଟ ପୋଲିସ ନଂ.୩୨୫/୧୯ରେ ମାମଲା ରୁଜୁ କରିଥିଲା। ସୋମବାର ପିହାଣିଆ ଗ୍ରାମରେ ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ, ଏସ୍‌ଆଇ ସିଲୁ ଧଳ ସଦଳବଳ ଚଢାଉ କରି ଅଭିଯୁକ୍ତ ଅର୍ଜୁନ ବେହେରା, ଜୟ ବେହେରା ଓ ଗଗନ ବେହେରାଙ୍କୁ ଗିରଫ କରିଛନ୍ତି। ଶିକାର ପାଇଁ ଏମାନେ ତାର ବିଛାଇଥିବା ଜଣାପଡିଥିଲା। ଘଟଣା ଘଟିବା ଦିନରୁ ଅଭିଯୁକ୍ତମାନେ ଫେରାର ଥିଲେ।

## ବ୍ଲକ୍ ସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

**ଆସିକା,୨୪।୨ (ଡି.ଏନ୍.ଏ.)**

ଆସିକା ବ୍ଲକ୍ ସଭାଗୃହରେ ସୋମବାର ବ୍ଲକ୍ ସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ଅଧ୍ୟକ୍ଷ ହରେକୃଷ୍ଣ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଭାରପ୍ରାପ୍ତ ବିଡିଓ ପ୍ରଦୀପ କୁମାର ପଣ୍ଡା, ସାମାଜିକ ସୁରକ୍ଷା ଅଧିକାରୀ ପି. ପଦ୍ମା, ଆୟୋଜକ ସଂସ୍ଥା ସଂଯୋଜିକା ମଞ୍ଜୁଳା ସାହୁ ପ୍ରମୁଖ ଯୋଗଦେଇଥିଲେ। ଦିନ୍ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଗ୍ରାମାଞ୍ଚଳରେ ଥିବା ଶିକ୍ଷିତ ବେକାରମାନଙ୍କୁ ଏହି ଯୋଜନାରେ ନିଯୁକ୍ତି ନିମନ୍ତେ ଆଲୋଚନା କରାଯାଇଥିଲା। ୧୮ ବର୍ଷରୁ ୩୫ ବର୍ଷ ବୟସସୀମା ମଧ୍ୟରେ ୫ମ ଶ୍ରେଣୀ ଠାରୁ ଯୁକ୍ତ ୨ ପର୍ଯ୍ୟନ୍ତ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀଙ୍କୁ ରାଜ୍ୟ ବାହାରେ ନିଯୁକ୍ତି ଦେବାକୁ ୧୧ ସଂସ୍ଥା ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତର ୨୮୯ ପ୍ରାର୍ଥି ସେମାନଙ୍କ ନିଯୁକ୍ତି ଲାଗି ଆବେଦନ କରିଥିଲେ। ଚିହ୍ନଟ ପ୍ରାର୍ଥିଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ ପରେ ରାଜ୍ୟ ବାହାରେ ନିଯୁକ୍ତି ଲାଗି ଏହି ଯୋଜନାରେ ବ୍ୟବସ୍ଥା ରହିଥିବା ଜଣାଯାଇଛି।

# ବିଜୟାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ଆସିକା ବିଜୟୀ

**ଭଞ୍ଜନଗର,୨୪।୨(ଡି.ଏନ.ଏ)**

ଭଞ୍ଜନଗର କଲେଜ ପଡ଼ିଆରେ ଚାଲିଥିବା ଇଂ. ବିଜୟାନନ୍ଦ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଆସିକା ଷ୍ଟାର ଏକାଦଶ ଓ ନଳବଣ୍ଟା ଏନ୍‌ସିସି ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ଆସିକା ୭ ଉଇକେଟରେ ବିଜୟୀ ହୋଇଛି। ଆସିକାର କିଶୋର ରେଡ୍ଡୀ ୧୮ ରନ ଓ ୩ ଉଇକେଟ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ନଳବଣ୍ଟା ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୧୦୧ ରନ୍ ସଂଗ୍ରହ କରିଥିଲା। ଆସିକା ଦ୍ୱିତୀୟ ବ୍ୟାଟିଂ କରି ୧୬ ଓଭରରେ ୩ ଉଇକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ଅବିନାଶ ମହାରଣା ଓ ବନୋଜ କୁମାର ପୃଷ୍ଟି ଆମ୍ପାୟର ଥିଲେ। ସୂଚନାଯୋଗ୍ୟ ଯେ, ସୋମବାର ଆସିକା ଓ ବ୍ରହ୍ମପୁର ମଧ୍ୟରେ ମ୍ୟାଚ୍ ହେବାର ଥିଲା। ବ୍ରହ୍ମପୁର ଟିମ୍ ଆସି ନ ପାରିବାରୁ ଅନ୍ୟ ଏକ ଟିମ୍ ନଳବଣ୍ଟାକୁ ହଠାତ୍ ଡ଼କାଇ ମ୍ୟାଚ୍ କରାଯାଇଥିଲା।



କିଶୋର ରେଡ୍ଡୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

# ବିଧାନସଭାରେ ତାମ୍ପରା ହ୍ରଦ ପୁନରୁଦ୍ଧାର ପ୍ରସଙ୍ଗ ଉଠାଇଲେ ବିଧାୟକ

**ଛତ୍ରପୁର,୨୪।୨(ଡି.ଏନ.ଏ)**

ତାମ୍ପରା ହ୍ରଦ ପୋତି ହେଉଥିବା ଏବଂ ଜଗନ୍ନାଥପୁର ରେଳୱେ ଓଭରବ୍ରିଜ୍ କାମ ଆରମ୍ଭ ହେଉ ନ ଥିବା ନେଇ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ବିଧାନସଭା ଅଧିବେଶନରେ ପ୍ରଶ୍ନ କରିଥିଲେ। ଇସ୍ପାତ ଓ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏହାର ଉତ୍ତର ରଖିଛନ୍ତି।

ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାଟିଖାଲଠାରେ ଥିବା ଭାରତୀୟ ବିରଳ ମୃତ୍ତିକା କାରଖାନା ପକ୍ଷରୁ ଖଣିଜ ସମ୍ପଦ ଉତ୍ତୋଳନ ପରେ ପରିତ୍ୟକ୍ତ ବାଲୁକାରାଶିକୁ ଏଣେ ତେଣେ ଫୋପଡ଼ା ଯାଉଥିବାରୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ

**ଉତ୍ତର ରଖିଲେ ବିଭାଗୀୟ ମନ୍ତ୍ରୀ**

ତାମ୍ପରା ହ୍ରଦ ପୋତି ହୋଇପଡୁଛି। ଏହାର ପୁନରୁଦ୍ଧାର ପାଇଁ କାରଖାନା କର୍ତ୍ତୃପକ୍ଷଙ୍କୁ କ'ଣ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଭାଗୀୟ ମନ୍ତ୍ରୀଙ୍କୁ ବିଧାୟକ ପ୍ରଶ୍ନ ପଚାରିଥିଲେ। ମନ୍ତ୍ରୀ ଉତ୍ତର ଦେଇଥିଲେ ଯେ, ତାମ୍ପରା ହ୍ରଦର କିଛି ଅଂଶ ଭାରତୀୟ ବିରଳ ମୃତ୍ତିକାକୁ ଦିଆଯାଇଥିବା ଖଣି ଲିଜ୍‌ର ଅଂଶ ବିଶେଷ। ଖନନ ପ୍ରକ୍ରିୟା ଦ୍ୱାରା ନିଷ୍କାସିତ ହେଉଥିବା ପରିତ୍ୟକ୍ତ ବାଲୁକା ରାଶିକୁ ଏଣେ ତେଣେ ନ ଫୋପାଡି ମାଇନିଂ ପ୍ଲାନ୍ ଅନୁଯାୟୀ ଖନନ ପ୍ରକ୍ରିୟାରେ ସୃଷ୍ଟି ହେଉଥିବା ଶୂନ୍ୟସ୍ଥାନ ପୂରଣ ନିମନ୍ତେ ବ୍ୟବହାର କରାଯାଉଛି। ଏହାକୁ ସମତୁଲ କରାଯାଇ ଏହା ଉପରେ ପର୍ଯ୍ୟାପ୍ତ ପରିମାଣର ଚାରାରୋପଣ କରାଯାଇ ପ୍ରାକୃତିକ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଆଇଆରଇ ଯୋଜନା କରିଥିବା ମନ୍ତ୍ରୀ କହିଥିଲେ। ସେହିପରି ଛତ୍ରପୁର ନିର୍ବାଚନମଣ୍ଡଳୀ ଅଧୀନ ଜଗନ୍ନାଥପୁର ଠାରେ ପ୍ରସ୍ତାବିତ ରେଲୱେ ଓଭର ବ୍ରିଜ୍ ନିର୍ମାଣ କାମ ସମ୍ପର୍କରେ ମନ୍ତ୍ରୀ କହିଥିଲେ ଯେ, ପ୍ରସ୍ତାବିତ ରେଲୱେ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ପାଇଁ ନକ୍ସା ପ୍ରସ୍ତୁତି ପରେ ପୂର୍ବତଟ ରେଲୱେ ବିଭାଗକୁ ପଠାଯାଇଛି। ରେଲୱେ ବିଭାଗରୁ ଅନୁମୋଦନ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଖେଲୋ ଇଣ୍ଡିଆ : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୪ ଖେଳାଳି ଭାଗନେବେ

**ବ୍ରହ୍ମପୁର ଅଫିସ,୨୪।୨**

ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡା-୨୦୨୦ର ଶୁଭାରମ୍ଭ ହୋଇଛି। ମାର୍ଚ୍ଚ ୧ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଭାରୋତ୍ତଳନ ପ୍ରତିଯୋଗୀତାରେ ଭାଗନେବାକୁ ସୋମବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୪ ଖେଳାଳି ଭୁବନେଶ୍ୱର ଗସ୍ତ କରିଛନ୍ତି। ସେଥିମଧ୍ୟରେ ୮୭କେଜି ମହିଳା ଭାରୋତ୍ତୋଳନ ପ୍ରତିଯୋଗିତାରେ ବନୀତା ଘଡେଇ ଓ ୫୫ କେଜି ମହିଳା ବର୍ଗରେ ପ୍ରମିଳା ଖିରସାନୀ ଭାଗନେବେ। ସେହିପରି ୮୧ କେଜି ପୁରୁଷ ବର୍ଗରେ ବାପୁଜୀ କୁମାର ବିଶ୍ୱାଳ ଓ ୭୩ କେଜି ବର୍ଗରେ ମନୋଜ କୁମାର ସାହୁ ଭାଗନେବାକୁ ଯାଉଥିବା ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଖେଳାଳିଙ୍କ ସହ କୋଚ ଭାବେ ବରିଷ୍ଠ ଜାତୀୟ କୋଚ ସୀତା ପ୍ରସାଦ ପଟ୍ଟନାୟକ ଏବଂ ମ୍ୟାନେଜର ଭାବେ ରାଜେଶ ମହାନ୍ତି, ସ୍ପୋର୍ଟ୍ସ ଅଫିସର ରବି ଚରଣ ମିଶ୍ର ଭୁବନେଶ୍ୱର ଗସ୍ତ କରିଛନ୍ତି। ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦର ସମ୍ପାଦିକା ପ୍ରଫେସର ପୁଷ୍ପାଞ୍ଜଳୀ ସାମନ୍ତରାୟଙ୍କ ସମେତ କ୍ରୀଡା ପରିଷଦର ସମସ୍ତ କର୍ମକର୍ତ୍ତା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବସ୍ ଯୋଗାଇ ଦେବାକୁ ଜିଲାପାଳଙ୍କ ପ୍ରତିଶ୍ରୁତି

**ପାଟପୁର,୨୪।୨**

ବିଦ୍ୟାଳୟକୁ ପାସେଞ୍ଜର ଅଟୋ ଯୋଗେ ଛାତ୍ରୀଛାତ୍ରଙ୍କ ଯାତାୟତ ପ୍ରତି ସରକାର କଟକଣା ଜାରି କରିଛନ୍ତି। ନିକଟରେ ସ୍କୁଲ ଅଟୋରୁ ପଡ଼ି ଛାତ୍ରର ମୃତ୍ୟୁ ସହ ଏକାଧିକ ଦୁର୍ଘଟଣା ଘଟୁଥିବାରୁ ଅଟୋରେ ଛାତ୍ରୀଛାତ୍ରମାନଙ୍କୁ ନେବାଆଣିବା ନେଇ ଏଭଳି ନିଷ୍ପତ୍ତି ନିଆଯାଇଛି। ସାନଖେମୁଣ୍ଡି ବ୍ଲକସ୍ଥିତ ଛଣମେରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ଅଭିଭାବକଙ୍କ ବୈଠକରେ ଏଭଳି ନିଷ୍ପତ୍ତିର ପୁର୍ନବିଚାର ସହ ବିକଳ୍ପ ବ୍ୟବସ୍ଥା ପାଇଁ ଦାବି କରାଯାଇଥିଲା। ଛଣମେରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଅଟୋ ଯୋଗେ ଯାତାୟାତ ବନ୍ଦ ହୋଇଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଭିଭାବକମାନେ ବ୍ରହ୍ମପୁର ଉପଜିଲାପାଳଙ୍କ ଅଭିଯୋଗ

**ସ୍କୁଲକୁ ଅଟୋ ବନ୍ଦ ଘଟଣା**

ଶୁଣାଣୀ ପ୍ରକୋଷ୍ଠରେ ଅଭିଯୋଗ ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ରମାନଙ୍କ ସ୍କୁଲ ଯିବା ଆସିବା ସମସ୍ୟା ସମ୍ପର୍କରେ ଆଲୋଚନାପରେ ଦୁଇଦିନ ମଧ୍ୟରେ ସ୍କୁଲ ବସ୍ ଯୋଗାଇ ଦିଆଯିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଭିଭାବକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତୁରନ୍ତ ଅଭିଭାବକ ମାନଙ୍କ ସହ ଆଲୋଚନା କରିବାକୁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ସୋମବାର ଅପରାହ୍ଣରେ ବିଦ୍ୟାଳୟକୁ ଆସି ଦୂରଦୂରାନ୍ତରୁ ଆସୁଥିବା ଗ୍ରାମ ଓ ଛାତ୍ରୀଛାତ୍ରଙ୍କ ତାଲିକା ସହ ଅଭିଭାବକ ଓ ଜିଲା ପରିବହନ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗ୍ରନ୍ଥାଗାର ନୂତନ କୋଠାକୁ ସ୍ଥାନାନ୍ତର ଦାବି

**ବ୍ରହ୍ମପୁର ଅଫିସ,୨୪।୨**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ନୂତନ କୋଠାକୁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିର୍ମାଣ କରିଛନ୍ତି। କିନ୍ତୁ ତାହା ଏବେ ବ୍ୟବହାର ନ ହୋଇ ପଡିରହିଛି। ଉକ୍ତ ନୂତନ କୋଠାକୁ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ରଘୁନାଥ ପ୍ରସାଦ ପାଢୀ ଗ୍ରନ୍ଥାଗାର ସ୍ଥାନାନ୍ତର କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଛାତ୍ରୀଛାତ୍ରମାନେ କହିଛନ୍ତି, ଆମର ଯେଉଁ ବହିଗୁଡିକର ଆବଶ୍ୟାକତା ରହିଛି ତାହା ଏଠାରେ ମିଳିପାରୁ ନାହିଁ। ତାସହିତ ବିଦ୍ୟୁତ୍ କାଟ୍ ହେଲେ ଅନେକ ସମୟରେ ଅନ୍ଧାରରେ ସମୟ କାଟିବାକୁ ପଡୁଛି। ଆମେ ଉଚ୍ଚ ଅଧିକାରୀଙ୍କୁ ଏ ବିଷୟରେ ଜଣାଇଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଯେତେବେଳେ



ନୂତନ ଗ୍ରନ୍ଥାଗାର କୋଠା।

ଅନ୍ୟ ବିଶ୍ୱବିଦ୍ୟାଳୟ ଗ୍ରନ୍ଥାଗାରଗୁଡିକ ଅଧିକ ସମୟ ଖୋଲା ରହୁଥିବା ବେଳେ ବିଶ୍ୱବିଦ୍ୟାଳୟ ଗ୍ରନ୍ଥାଗାର ରାତି ୮ଟାରେ ବନ୍ଦ ହେଉଛି। ଆମ୍ଭ ମାନଙ୍କୁ ଏଠି ମୌଳିକ ସୁବିଧା ମିଳିପାରୁ ନାହିଁ। ତା ସହିତ ଫ୍ୟାନ୍ ଲାଇଟ୍ ଅଧା କାର୍ଯ୍ୟକ୍ଷମ ଥିବା ବେଳେ ଅଧା ଅଚଳ ହୋଇପଡିଛି। ଆଗକୁ ପରୀକ୍ଷା ଆସିବା ସହ ଗୀଷ୍ମ ଋତୁ ଆସୁଥିବାରୁ ଆମେମାନେ ଚିନ୍ତାରେ ପଡିଛୁ। ଗ୍ରନ୍ଥାଗାରରେ ୱାଇଫାଇ ବ୍ୟବସ୍ଥା ଥିଲେ ମଧ ତାହା ଅନେକ ସମୟରେ ଅଚଳ ହୋଇପଡୁଛି। ଫଳରେ ପାଠ ସମ୍ବନ୍ଧୀୟ ଯେକୌଣସି ବିଷୟ ଆମେ ନେଟ୍‌ରେ ଦେଖିବାକୁ ଚାହିଁଲେ ମଧ ତାହା ସମ୍ଭବ ହୋଇପାରୁ ନାହିଁ । ଅନ୍ତର୍ଜାତିକ ସ୍ତରର ପତ୍ରପତ୍ରିକା ଏଠି ମିଳିପାରୁ ନାହିଁ। ଏଭଳି କି ବସି ପଢିବା ପାଇଁ ଚେୟାର ଟେବୁଲର ଅଭାବ ରହିଛି। ଦୀର୍ଘ ୫୦ ବର୍ଷ ଧରି ପୁରୁଣା କୋଠାରେ ଚାଲିଥିବା ରଘୁନାଥ ପାଢୀ ପାଠାଗାର ନୂଆ କୋଠାକୁ ସ୍ଥାନାନ୍ତ ହୋଇପାରୁ ନାହିଁ। ତୁରନ୍ତ ନୂତନ କୋଠାକୁ ସ୍ଥାନାନ୍ତର କରିବାକୁ ଦାବି ହେଉଛି।

## ସଂକ୍ଷେପରେ

### ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ

ବ୍ରହ୍ମପୁର ଅଫିସ,୨୪।୨: ଗଞ୍ଜାମ ଓକିଲ ସଂଘର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଏବଂ ପୂର୍ବତନ ଭିଜିଲାନ୍ସ ପିପି ବି.ଦେବ ଦାନମ୍‌ଙ୍କ ବିୟୋଗରେ ୨୪ତାରିଖରେ ବାରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ରବୀନ୍ଦ୍ର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଆଇନଜୀବୀଙ୍କ ଆମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ୨ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ଜ୍ଞାପନ କରାଯାଇଥିଲା। ଏଥିରେ ସଂଘ ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ଚିତ୍ତ ରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ କିରଣ କୁମାର ମଣ୍ଡଳ, ବରିଷ୍ଠ ଆଇନଜୀବୀ ଶତ୍ରୁଘନ ପାତ୍ର, ମୋହନ ସିଙ୍ଗାରି, ଶିଶିର ପାଢ଼ୀ, ତପନ ଦାସ, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ପୀତବାସ ପଣ୍ଡା, ସୁନୀଲ କୁମାର ସ୍ୱାଇଁ, ମନୋଜ ପଟ୍ଟନାୟକ, ପ୍ରଫୁଲ୍ଲ ଗୌଡ଼, ବରୁଣ ଗୌଡ଼, ଅକ୍ଷୟ ପଟ୍ଟନାୟକ, ପ୍ରଦୀପ ବେହେରା, କରୁଣାକର ପାଣିଗ୍ରାହୀ, ସିତାଂଶୁ ପଣ୍ଡା, ସଞ୍ଜୟ ମିଶ୍ର ଓ ଗୋପାଳ ପଣ୍ଡାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସୋମବାର ଦିନକ ପାଇଁ ଓକିଲ ସଂଘ ତରଫରୁ ଜିଲା ଜଜ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତଗୁଡିକରେ କାର୍ଯ୍ୟ ବନ୍ଦ ରଖାଯାଇଥିଲା।

### ବିପିୟୁଟି ପକ୍ଷରୁ ନିଯୁକ୍ତି ମେଳା

ବ୍ରହ୍ମପୁର ଅଫିସ, ୨୪।୨-ଅଲ ଓଡ଼ିଶା ବିପିୟୁଟି ଫାର୍ମାସିଷ୍ଟ ଷ୍ଟୁଡେ଼ଣ୍ଟ ଆସୋସିଏଶନ ପକ୍ଷରୁ ଏକ ନିଯୁକ୍ତି ମେଳା ଆସିକା ରୋଡ଼ସ୍ଥିତ ଓମ୍‌ଶ୍ରୀ ଇନ୍‌ଷ୍ଟିଚ୍ୟୁଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେକ ଲୋଏଡ଼ସ୍ କମ୍ପାନୀର ଆସିଷ୍ଟାଣ୍ଟ ମ୍ୟାନେଜର ଭବ୍ୟା ଦେଶାଇ, ବସନ୍ତ ଚୌହାନ, ସତ୍ୟବ୍ରତ ସାହୁ, ବିଶାଳ କୁଶୱାହା, ବିଶ୍ୱଜିତ ପାଣିଗ୍ରାହୀ, ଟି.ବିଜୟ କୁମାର ପାତ୍ର ପ୍ରମୁଖ ନିଯୁକ୍ତି ପରୀକ୍ଷା ପରିଚାଳନା କରିଥିଲେ। ବିଭିନ୍ନ ଅଞ୍ଚଳରୁ ଶତାଧିକ ବିଦ୍ୟାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷ ସୁଧା ୨୭ ଜଣ ନିଯୁକ୍ତି ପାଇଁ ଚୟନ ହୋଇଥିବା ବେଳେ ୧୬ ଜଣଙ୍କୁ ନିଯୁକ୍ତିପତ୍ର ମିଳିଥିବା ଜଣାପଡ଼ିଛି। ଶିକ୍ଷାବିତ କାହ୍ନୁଚରଣ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋକର୍ଣ୍ଣେଶ୍ୱର ଆଇଟିଆଇ ନିର୍ଦ୍ଦେଶକ ନିରଞ୍ଜନ ରେଡ୍ଡୀ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଇଦତ୍ତ ନନ୍ଦ, ଅଶ୍ୱର୍ଯ୍ୟା ବିଷୋୟୀ, ସଂଗଠନର ପ୍ରତିଷ୍ଠାତା ପ୍ରଭୁ ପ୍ରସାଦ ମିଶ୍ର, ପରିଚାଳନା କମିଟିର ଅଧକ୍ଷ ଅମିତ କୁମାର ତ୍ରିପାଠୀ, ଅମ୍ରିତ ଶତପଥୀ, ପ୍ରେମରଞ୍ଜନ ପରିଡ଼ାଙ୍କ ସମେତ ସଭାପତି ତାରିଣୀ ଚରଣ ତ୍ରିପାଠୀ, ଉପସଭାପତି ଶାନ୍ତନୁ ଦାଶ ଓ ଅସିତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅଭିଯୋଗ ଶୁଣାଣି: ଅଧାରୁ ଚାଲିଗଲେ ଜିଲାପାଳ

### ଭିନ୍ନକ୍ଷମ ମହିଳାଙ୍କ କ୍ଷୋଭ, ଆକ୍ରୋଶରେ ଜିଲାପାଳ ଅତିଷ୍ଠ

ବ୍ରହ୍ମପୁର ଅଫିସ,୨୪।୨

ବାରମ୍ବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଦୌଡି ନିରାଶ ହେଉଥିବା ଜଣେ ଭିନ୍ନକ୍ଷମ ମହିଳାଙ୍କ କ୍ଷୋଭ ଓ ଆକ୍ରୋଶକୁ ସମ୍ମୁଖୀନ କରି ନ ପାରି ଅଭିଯୋଗ ଶୁଣାଣି ଅଧାରୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଠି ଯାଇଥିଲେ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହେଉଥିବା ଅଭିଯୋଗ ଶୁଣାଣିରେ। ଶୁଣାଣି ଚାଲିଥିବା ବେଳେ ଜଣେ ଭିନ୍ନକ୍ଷମ ମହିଳା ଅଭିଯୋଗ କରିବା ସହ ଟେବୁଲ ବାଡେଇ ବାରମ୍ବାର ଉତ୍ୟକ୍ତ ହୋଇପଡିଥିଲେ। ମୁଁ ବହୁବାର ଦୌଡୁଥିଲେ ମଧ୍ୟ ସମସ୍ୟା ସମାଧାନ ଦିଗରେ ଧ୍ୟାନ ଦିଆଯାଉ ନାହିଁ। ଏଥିସହ ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ଏଠାରୁ ହଟିବି ନାହିଁ ବୋଲି ଅଡି ବସିଥିଲେ। ଉକ୍ତ ମହିଳାଙ୍କୁ ସମର୍ଥନ କରି ତାଙ୍କ ସହ ଆସିଥିବା କେତେଜଣ ସମ୍ପର୍କୀୟ ସେଠାରେ ହୋହଲ୍ଲା କରିଥିଲେ। ଫଳରେ ଉକ୍ତ ମହିଳାଙ୍କୁ ସମ୍ମୁଖୀନ କରି ନ ପାରି ଜିଲାପାଳ ଅଭିଯୋଗ ଶୁଣାଣି ଅଧାରୁ ଉଠି ଚାଲି ଯାଇଥିଲେ। ଗୁହାରି କରିବାକୁ ଦୀର୍ଘ ସମୟରୁ ଅପେକ୍ଷା କରି ରହିଥିବା ଅନ୍ୟ କେତେକ ଅଭିଯୋଗକାରୀ ସମସ୍ୟା ଜଣାଇ ନ ପାରି ବଞ୍ଚିତ ହୋଇଥିଲେ ।


ଭିନ୍ନକ୍ଷମ ମହିଳା ଜଣଙ୍କ ସହିତ ତର୍କ କରୁଛନ୍ତି ।

ମିଳିଥିବା ସୂଚନା ପ୍ରକାରେ , ଗୁରୁଣ୍ଟି ନିକଟସ୍ଥ ଲକ୍ଷ୍ମୀନାରାୟଣପୁରରେ ଭଡାରେ ରହୁଥିବା ଭିନ୍ନକ୍ଷମ ମହିଳା ଗୀତାଞ୍ଜଳି ପାଣିଗ୍ରାହୀ(୪୦) ସୋମବାର ଅଭିଯୋଗ ଶୁଣାଣିକୁ ଆସିଥିଲେ । ନିଜ ସମସ୍ୟାର ସମାଧାନ ଓ ବ୍ୟବସାୟ ପାଇଁ ଋଣ କରାଇ ଦେବାକୁ ସେ ଜିଲାପାଳଙ୍କୁ କହିଥିଲେ। ଜିଲାପାଳ ଉକ୍ତ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଗୀତାଞ୍ଜଳି ଏହାର ସ୍ଥାୟୀ ସମାଧାନ ଓ ପ୍ରତିକାର ଦାବିକରି ସେଠାରେ ଅଡି ବସି ହୋହଲ୍ଲା କରିଥିଲେ। ବାରମ୍ବାର ଅଭିଯୋଗ କରିବାକୁ ଆସୁଥିଲେ ସୁଦ୍ଧା ସମସ୍ୟା ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସେ ଯୁକ୍ତି କରିଥିଲେ । ଏହାପରେ ତାଙ୍କ ସହ ଆସିଥିବା ଦୁଇ ସମ୍ପର୍କୀୟ ମହିଳା ମଧ୍ୟ ସେଠାରେ ହୋ ହଲ୍ଲା କରିଥିଲେ । ଫଳରେ କିଛି ସମୟ ପାଇଁ ସେଠାରେ ଏକ ଅଣାୟତ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଗୀତାଞ୍ଜଳିଙ୍କ ଅଭିଯୋଗ ପ୍ରକାରେ, ନୂଆ ଯୋଗିଆପଲ୍ଲୀରେ ଇନ୍ଦିରା ଆବାସଲାଗି ମିଳିଥିବା ଟଙ୍କାରେ ସେ ଘର ତିଆରି କରିଥିଲେ । କିନ୍ତୁ ଉକ୍ତ ଘର ସହ ତାଙ୍କ ନାମରେ ଥିବା ଜମିକୁ କେତେକ ଅସାମାଜିକ ବ୍ୟକ୍ତି ଦୀର୍ଘ ବର୍ଷ ଧରି ଜବରଦଖଲ କରି ରଖିଛନ୍ତି। ଫଳରେ ସେ ନିଜ ଘର ଛାଡି ଗୁରୁଣ୍ଟି ନିକଟସ୍ଥ ଲକ୍ଷ୍ମୀନାରାୟଣପୁରରେ ଭଡା ନେଇ ରହୁଛନ୍ତି । ଅନ୍ୟପକ୍ଷରେ ନିଜ ଜାଗା ଉପରୁ ଜବରଦଖଲ ହଟାଇବାକୁ ନେଇ ବାରମ୍ବାର ଅଭିଯୋଗ ଶୁଣାଣିକୁ ସେ ଆସି ନିବେଦନ କରିଥିଲେ ମଧ୍ୟ ତାର ସମାଧାନ ହୋଇପାରି ନାହିଁ । ଫଳରେ ସୋମବାର ନିଜ ଇନ୍ଦିରା ଆବାସ ଘର ସହ ଜମିରୁ ଜବରଦଖଲ ଉଚ୍ଛେଦ, ବ୍ୟବସାୟ ପାଇଁ ଋଣ ଦେବାକୁ ଜିଲାପାଳଙ୍କୁ ନିବେଦନ କରିବାକୁ ଆସିଥିଲେ । କିନ୍ତୁ ଜିଲାପାଳ ପ୍ରତିଶ୍ରୁତି ସ୍ପଷ୍ଟ କରି ନ ଥିଲେ । ଫଳରେ ସେ ପ୍ରକୋଷ୍ଠ ଭିତରେ ସମସ୍ୟା ସମାଧାନ ପାଇଁ ଅଡି ବସିବା ସହ ହୋ ହଲ୍ଲା କରିଥିବା ଗୀତାଞ୍ଜଳି କହିଥିଲେ ।

## ବରିଷ୍ଠ ନାଗରିକ ଫୋରମ ବୈଠକ

ବ୍ରହ୍ମପୁର ଅଫିସ୨୪।୨

ଗଞ୍ଜାମ ଜିଲା ବିଜୁ ପଟ୍ଟନାୟକ ବରିଷ୍ଠ ନାଗରିକ ଫୋରମର ମାସିକ ବୈଠକ ସଭାପତି ରାସ ବିହାରୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏସ.ଏନ୍. ପାଢ଼ୀ, ପ୍ର. ଜୟନ୍ତ କୁମାର ମହାପାତ୍ର, ସୂର୍ଯ୍ୟକାନ୍ତ ପାତ୍ର, ଡ଼. ଶ୍ରୀବତ୍ସ ଦଳେଇ, ଗଙ୍ଗାଧର ପାଳ, ସୀମାଞ୍ଚଳ ପ୍ରସାଦ ବିଷୋୟୀ, ଭୀଷ୍ମାଚାର୍ଯ୍ୟ ଚୌଧୁରୀ ଉପସ୍ଥିତ ଥିଲେ । ବରିଷ୍ଠ ନାଗରିକ ଭାବେ ପି. ସୁବାସ ଚନ୍ଦ୍ର ପୃଷ୍ଟି, ଏସ୍.ଏନ୍. ପାଢ଼ୀ ଓ ପ୍ରଶାନ୍ତ ମହାପାତ୍ରଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସୁରେଶ ତ୍ରିପାଠୀ, ବାସୁଦେବ ଲିମା, ରବୀନ୍ଦ୍ର କୁମାର ମହାରଣା ଓ ପୂର୍ଣ୍ଣଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ଉପସଭାପତି ସୂର୍ଯ୍ୟକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଏସ୍‌ୟୁସିଆଇର ଟ୍ରମ୍ପଙ୍କ କୁଶପୁତ୍ତଳିକା ଦାହ, ବିକ୍ଷୋଭ



ଏସ୍‌ୟୁସିଆଇ ପକ୍ଷରୁ ଟ୍ରମ୍ପଙ୍କ କୁଶପୁତ୍ତଳିକା ଦାହ କରାଯାଉଛି ।

### ଟ୍ରମ୍ପଙ୍କ ଭାରତ ଗସ୍ତକୁ ତୀବ୍ର ବିରୋଧ

ବ୍ରହ୍ମପୁର ଅଫିସ,୨୪।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ବିରୋଧ କରିଛି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) । ସୋମବାର ଏନେଇ ବ୍ରହ୍ମପୁର କମାପଲ୍ଲୀ ଛକରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଗଞ୍ଜାମ ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରଯାଇଥିଲା । ଏସୟୁସିଆଇ ପକ୍ଷରୁ ଟ୍ରମ୍ପଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ଟ୍ରମ୍ପଙ୍କ ଭାରତ ଆଗମନ ଦ୍ୱାରା ଦେଶର ସାଧାରଣ ଜନତା କୌଣସି ଉପକୃତ ହେବେ ନାହିଁ । ଏହାସତ୍ତ୍ୱେ ଟ୍ରମ୍ପଙ୍କ ଗସ୍ତ ଅବସରରେ ଭାରତ ସରକାର ଗୋଟିଏ ଦିନ ପାଇଁ ଶହେ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି । ଅଥଚ ଦେଶରେ ବିପର୍ଯ୍ୟସ୍ତ ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସଜାଡିବା ଦିଗରେ ଅର୍ଥ ବ୍ୟୟବରାଦ ପାଇଁ ସରକାର କୁଣ୍ଠାବୋଧ କରୁଛନ୍ତି । ସରକାର ଦେଶବାସୀଙ୍କ ଜରୁରୀ ସମସ୍ୟାଗୁଡିକର ସମାଧାନ ଓ ଭିତ୍ତିଭୂମି ସଜାଡିବା ଦିଗରେ ଧ୍ୟାନ ନ ଦେଇ ଟ୍ରମ୍ପଙ୍କ ନିମନ୍ତ୍ରଣ ପାଇଁ ସରକାରୀ ରାଜକୋଷରେ ସଞ୍ଚିତ ଜନସାଧାରଣଙ୍କ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ଏଭଳି କରି ସରକାର ଭାରତର ନାଗରିକ ଓ ଜନସାଧାରଣଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି ବୋଲି ଏସ୍‌ୟୁସିଆଇ ବିକ୍ଷୋଭ ସମାବେଶରେ କହିଛି। ବିକ୍ଷୋଭ ସମାବେଶରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜିଲା ସାଂଗଠନିକ କମିଟି ସମ୍ପାଦକ ସୋମନାଥ ବେହେରାଙ୍କ ସମେତ ଶିବାନୀ ଶଙ୍କର ମିଶ୍ର, ନିମାଇଁ ଚରଣ ସାହୁ, କାର୍ତ୍ତିକ ମହାନ୍ତି, ପପୁନ ସାହୁ, ନାରାୟଣ ସାହୁ ଓ ବିଭୂତି ଭୂଷଣ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

### ସିପିଏମ୍‌ର ବିକ୍ଷୋଭ, ଟ୍ରମ୍ପ, ମୋଦିଙ୍କ କୁଶପୁତ୍ତଳିକା ପୋଡ଼ି

ବ୍ରହ୍ମପୁର ଅଫିସ,୨୪।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତକୁ ବିରୋଧ କରି ବାମପନ୍ଥୀ ସିପିଏମ୍ ଗଞ୍ଜାମ ଜିଲା କମିଟି ପକ୍ଷରୁ ସୋମବାର ସ୍ଥାନୀୟ କମାପଲ୍ଲୀ ଛକରେ ବିକ୍ଷୋଭ ସମାବେଶ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକା ରାଷ୍ଟ୍ରପତି ଦମ୍ପତିଙ୍କ ପାଇଁ କରିଥିବା ବ୍ୟୟବହୁଳ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ତୀବ୍ର ନିନ୍ଦା କରାଯାଇଥିଲା। ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା କୃଷକ ଓ ଶ୍ରମିକ ବିରୋଧୀ ବାଣିଜ୍ୟିକ ଚୁକ୍ତି ଅବିଳମ୍ବେ ବାତିଲ କରାଯିବା ଏବଂ ମାଂସ ଓ ଦୁଗ୍ଧ ଆମଦାନି ବନ୍ଦ ପାଇଁ ମଧ୍ୟ ଦାବି କରାଯାଇଥିଲା। ବିକ୍ଷୋଭ ସ୍ଥଳରେ ଟ୍ରମ୍ପ ଓ ମୋଦିଙ୍କ କୁଶପୁତ୍ତଳିକା ପୋଡ଼ାଯାଇଥିଲା।

ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଜିଲା କମିଟି ସମ୍ପାଦକ କୈଳାସ ଷଡ଼ଙ୍ଗୀ ଓ ସିଆଇଟିୟୁ ନେତା ଯୁଧିଷ୍ଠିର ବେହେରା। କୃଷକ ନେତା ଗୋପାଳ ପାଣିଗ୍ରାହୀ, ବସନ୍ତ ନନ୍ଦ, ପି.ହରିକୃଷ୍ଣ ରେଡ୍ଡୀ, ଶ୍ରମିକ ନେତା ପ୍ରତାପ ଚୌଧୁରୀ, କ୍ଷେତ ମଜଦୁର ନେତା ବିଦ୍ୟାଧର ଜେନା, ଯୁବନେତା ଅଜିତ ପାଣିଗ୍ରାହୀ, ଆଞ୍ଚଳିକ କମିଟିର ବାବୁଲା ନାୟକଙ୍କ ସମେତ ପଞ୍ଚାନନ ଜେନା, କେଶବ ଗୌଡ଼, ରଞ୍ଜନ ପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ଟ୍ରମ୍ପଙ୍କ ଅତିଥି ଚର୍ଚ୍ଚା ପାଇଁ ହୋଇଥିବା ରାଜକୀୟ ଆଡମ୍ବରର କଡ଼ା ସମାଲୋଚନା କରାଯାଇଥିଲା।

## ଅର୍ଥନୀତିକୁ ସୁଦୃଢ଼ କରିବାକୁ ହେଲେ କୃଷିକୁ ଗୁରୁତ୍ୱ ଦେବା ଦରକାର



ବ୍ରହ୍ମପୁର ଅଫିସ,୨୪।୨-କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଗତ ୧ତାରିଖରେ ଲୋକ ସଭାରେ ୨୦୨୦-୨୧ ଆର୍ଥିକ ବର୍ଷର ସାଧାରଣ ବଜେଟ୍ ଉପସ୍ଥାପନ କରିଥିଲେ। ଚଳିତ କେନ୍ଦ୍ରୀୟ ବଜେଟର ପରିମାଣ ୨୨.୪୬ଲକ୍ଷ କୋଟି ଥିବାବେଳେ ବ୍ୟୟହେବ ୩୦.୪୨ ଲକ୍ଷ କୋଟି। ତାହା ସହିତ ଜିଡିପି ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଉଥିବା ବେଳେ ବିତ୍ତୀୟ ନିଅଣ୍ଟ ରହିଛି ୩.୫ ପ୍ରତିଶତ। ଅନ୍ୟପଟେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ସର୍ବେକ୍ଷଣ ରିପୋର୍ଟ ଦାଖଲ କରିଛନ୍ତି। ୨୦୨୫ସୁଦ୍ଧା ୫ ଟ୍ରିଲିୟନ ଅର୍ଥନୀତି ଉପରେ ଗୁରୁତ୍ୱ ଥିବାବେଳେ ଆସନ୍ତା ୫ ବର୍ଷ ମଧ୍ୟରେ ୪ କୋଟି ଏବଂ ୨୦୩୦ ସୁଦ୍ଧା ୮ କୋଟି ନିଯୁକ୍ତି ସୃଷ୍ଟି କରାଯିବ ବୋଲି କହିଛନ୍ତି। ଏହାକୁ ନେଇ କଣ ରହିଛି ପୂର୍ବତନ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସର ନିର୍ଦ୍ଦେଶକ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ କାର୍ଯ୍ୟାଳୟର ଅର୍ଥନୈତିକ ଉପଦେଷ୍ଟା ସଭ୍ୟ ଓଡ଼ିଆ ପୁଅ ପୁଲିନ୍ ବି. ନାୟକଙ୍କ ସହ ଧରିତ୍ରୀର ଆଳାପ...

**ଚଳିତ ବଜେଟକୁ ନେଇ କ'ଣ ରହିଛି ଆପଣଙ୍କ ମତ?**

ଯେଉଁ ଆଶା ଥିଲା ଯେ, ଏହି ବଜେଟ ଲୋକାଭିମୁଖୀ ହେବା ସହ ସାଧାରଣ ଖଟିଖିଆ ଏଥିରୁ କିଛି ଉପକୃତ ହେବେ ତାହା ଲକ୍ଷ୍ୟ କରାଯାଇପାରୁ ନାହିଁ । ଗୋଟିଏ ପାର୍ଥକ୍ୟ ରହିଛି ଅଭିବୃଦ୍ଧିହାରକୁ ନେଇ ତା' ସହ ବେକାରି ସମସ୍ୟା ଏବଂ ଯେଉଁ ପରିମାଣରେ ଦରଦାମ ହୁ ହୁ ହୋଇ ବଢ଼ିଚାଲିଛି ସାଧାରଣ ଲୋକଙ୍କ ଉପରେ ଏହା ପ୍ରଭାବ ପକାଉଛି।

**ବେରୋଜଗାର ଉପରେ ସରକାର କି ପ୍ରକାର କାମ କରିବା ଦରକାର?**

ଯଦି ଆମେ ସମୁଦାୟ ପ୍ରକ୍ରିୟାକୁ ଅଗ୍ରଗତି ଆଡ଼କୁ ନେଇପାରିବା ତା ହେଲେ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବ। ବିଶେଷ ଭାବେ ସରକାର ବିଭିନ୍ନ ଶିଳ୍ପାୟନକୁ ପ୍ରୋତ୍ସାହନ ଦେବା ଦରକାର, ଶିଳ୍ପାୟନ ନୀତିରେ ଯଦି ପରିବର୍ତ୍ତନ ଆଣିପାରିବେ ତା ହେଲେ କିଛି ପରିମାଣରେ ଏହା ସହାୟକ ହେବ।

**ଅଭିବୃଦ୍ଧି ହାର କମିବାର ମୁଖ୍ୟ କାରଣ କ'ଣ?**

ଏହା କମିବାର ଦୁଇଟି କାରଣ ଗୋଟିଏ ବିମୁଦ୍ରୀକରଣ, ଅନ୍ୟଟି ହେଲା ଜିଏସ୍‌ଟି। ବିଶେଷ ଭାବେ ବିମୁଦ୍ରୀକରଣ ପରେ ଆମ ଅର୍ଥନୀତିର ଅଭିବୃଦ୍ଧିହାର ଅନେକ ମାତ୍ରାରେ କମିଯାଇଛି। ଏହାର ପ୍ରଭାବ ଛୋଟ ବ୍ୟବସାୟଙ୍କଠାରୁ ଆରମ୍ଭ କରି ବଡ଼ ବ୍ୟବସାୟୀଙ୍କ ଉପରେ ପଡିଛି । ଯେଉଁମାନେ ବାହାରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ ବିମୁଦ୍ରୀକରଣ ହେବା ଦ୍ୱାରା ସେମାନଙ୍କୁ ଚାକିରି ହରାଇବାକୁ ପଡ଼ିଛି। ଯଦି ଆମ ପାଖରେ ଥିବା ୫ଶହ ଓ ୧ ହଜାର ଟଙ୍କା ନୋଟ ରଦ୍ଦ ହୋଇଯିବ ଏହା ତାହାର ଏକ ପ୍ରତିଫଳନ।

**ଶିଳ୍ପାୟନ ପାଇଁ ସରକାରଙ୍କ କ'ଣ ଭୂମିକା ରହିବା ଆବଶ୍ୟକ?**

ପ୍ରଥମତଃ ଆମେ ବାଣିଜ୍ୟ କ୍ଷେତ୍ରରେ କିଛି ପରିବର୍ତ୍ତନ ଆଣିବା ଦରକାର । ତାହା ସହ କିପରି ଭାବେ ଶିଳ୍ପପତିମାନେ ଅଧିକରୁ ଅଧିକ ଶିଳ୍ପ ପ୍ରତିଷ୍ଠା କରିପାରିବେ ସେଥିପ୍ରତି ସରକାର ଗୁରୁତ୍ୱ ଦେବା ଦରକାର । ଅନ୍ୟପଟେ କର ବ୍ୟବସ୍ଥାକୁ ଯଦି ସରଳୀକରଣ କରାଯାଇ ପାରନ୍ତା ଏଥିରୁ କିଛି ପରିମାଣରେ ସୁଫଳ ମିଳନ୍ତା। ପ୍ରଥମତଃ ଶିଳ୍ପାନୁଷ୍ଠାନଗୁଡ଼ିକ ସରକାରଙ୍କୁ ବିଶ୍ୱାସ କରିବା ସହ ତାଙ୍କୁ ପୂର୍ଣ୍ଣ ସମର୍ଥନ ଯୋଗାଇଦେବା ଉଚିତ।

**କେମିତି ବଢ଼ିବ ଅଭିବୃଦ୍ଧି ହାର?**

ଆମ ଜନସଂଖ୍ୟାର ୫୨ ରୁ ୫୫ ପ୍ରତିଶତ କୃଷି ଉପରେ ନିର୍ଭରଶୀଳ । ଯଦି ଆମେ ଦେଖିବା ଓଡ଼ିଶା ଭଳି ରାଜ୍ୟରେ ଏହାର ପରିମାଣ ବହୁତ । କିନ୍ତୁ କୃଷିରୁ ଯେଉଁ ଆୟ ହେବା କଥା ତାହା ଦିନକୁ ଦିନ କମିଯାଉଛି । ଏହା ସହ ମୁଣ୍ଡପିଛା ଆୟ ମଧ୍ୟ କମିଯାଉଛି । ସରକାର ପ୍ରଥମତଃ କୃଷି ଓ କୃଷକମାନଙ୍କ ଉପରେ ଫୋକସ କରିବା ଉଚିତ । ଚାଷୀ ଯେଉଁ ଶସ୍ୟ ଅମଳ କରୁଛି ସେହି ଶସ୍ୟଗୁଡ଼ିକୁ କିପରି ଭାବେ ଉଚିତ ମୂଲ୍ୟରେ ବିକ୍ରି କରିପାରିବ। ଠିକ୍ ବଜାର ଯୋଗାଇଦେବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ । ଯଦି ସରକାର ଅଧିକରୁ ଅଧିକ ଅର୍ଥ କୃଷିରେ ବିନିଯୋଗ କରିବେ ତା ହେଲେ କିଛି ପରିବର୍ତ୍ତନ ଆସିବ ।

# ପେଟ୍ରୋଲ ପମ୍ପରେ ଡକାୟତି, ୫ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୪।୨

ଗଞ୍ଜାମ ଜିଲା ଅତିରିକ୍ତ ଦୌରା ଜଜ (ଏଡିଜେ)-୧ ଡ଼. ପ୍ରସନ୍ନ କୁମାର ପଣ୍ଡା ଏକ ପେଟ୍ରୋଲ ପମ୍ପରେ ହୋଇଥିବା ଡକାୟତି ଘଟଣାର ସୋମବାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ବୋଇରାଣୀର ଏସ୍.କାଳିଆ ରେଡ୍ଡୀଙ୍କ ସମେତ ୫ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଘଟଣାରୁ ପ୍ରକାଶ, ୨୦୧୪ ମେ ୧୯ରେ ୨ଟି ବାଇକ୍‌ରେ ୫ ଜଣ ଯୁବକ ଖୋଡାସିଂ ପେଟ୍ରୋଲ ପମ୍ପରେ ପହଞ୍ଚିଥିଲେ। ସେଠାରେ ସେମାନେ ୩୦୦ ଟଙ୍କାର ପେଟ୍ରୋଲ ପକାଇବାକୁ କହିଥିଲେ। ସେଲ୍ସମ୍ୟାନ ଏସ୍. ସୁଶାନ୍ତ କୁମାର ପାତ୍ର ପେଟ୍ରୋଲ ପକାଇ ଟଙ୍କା ମାଗିଥିଲେ। କାଳିଆ ଓ ତାଙ୍କ ସହଯୋଗୀ ସେଲ୍ସମ୍ୟାନଙ୍କୁ ଟଙ୍କା କଣ ମାଗୁଛୁ ବୋଲି କହି ମାଡ ମାରିଥିଲେ। ପରେ ଅଭିଯୁକ୍ତମାନେ ସେଲ୍ସମ୍ୟାନ ଧରିଥିବା ବ୍ୟାଗ ଝାମ୍ପି ନେଇଥିଲେ। ସେଥିରେ ଥିବା ୨୦୦୦ ଟଙ୍କା, ଏଟିଏମ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଆଦି ଥିଲା। ପରେ ଏନେଇ ସେଲ୍ସମ୍ୟାନ ବୈଦ୍ୟନଥପୁର ଥାନାରେ ଅଭିଯୋଗ କରିଥିଲେ। ନଂ. ୧୨୭/୧୪ ରେ ଏକ ମାମଲା ରୁଜୁ କରି କାଳିଆ ଓ ତାଙ୍କର ଅନ୍ୟ ୪ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ସୋମବାର ଏଡିଜେ-୧ ଏସ୍‌ଟି ୪୪/୧୫ ମାମଲାର ଶୁଣାଣି କରିଥିଲେ। ୧୧ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ନ ମିଳିବାରୁ ଉପରୋକ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଜ୍ଞାନ ଜେନା ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଭାକର ସାବତ ଓ ସୁମିତ୍ର ଦାସ ମକଦ୍ଦମା ପରିଚାଳନା କରିଥିଲେ।

# ଏମ୍‌କେସିଜିରେ ପିପିପି ମୋଡ୍‌କୁ ବିରୋଧ

### ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟଯାତ୍ରା

- ଆରଡିସିଙ୍କ ଅଫିସ ଆଗରେ ପ୍ରତିବାଦ
- ଏମ୍‌କେସିଜିରେ ସ୍ଥାପନ ହେଉ ସ୍ୱତନ୍ତ୍ର ବର୍ନକେୟାର ୟୁନିଟ୍

ବ୍ରହ୍ମପୁର ଅଫିସ,୨୪।୨

ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜରେ ପିପିପି(ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ୍) ମାଧ୍ୟମରେ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ଗତ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ହୋଇଥିବା ନିଷ୍ପତ୍ତିକୁ ମାନବ ଅଧିକାର ସୁରକ୍ଷା ମଞ୍ଚ ବିରୋଧ କରିଛି । ପିପିପି ମାଧ୍ୟମରେ ମେଡିକାଲରେ ଘରୋଇ କମ୍ପାନୀଙ୍କ ପ୍ରବେଶ ଚିକିତ୍ସା ସେବାରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ । ଏହାଦ୍ୱାରା ମେଡିକାଲ ସେବା ପ୍ରଭାବିତ ହେବା ସହ ରୋଗୀମାନେ ଘରୋଇ କମ୍ପାନୀ ଦ୍ୱାରା ସେବା ନାମରେ ଶୋଷଣର ଶିକାର ହେବେ ବୋଲି ମଞ୍ଚ ଅଭିଯୋଗ କରିଛି । ସୋମବାର ଆରଡିସିଙ୍କ କାର୍ଯ୍ୟାଳୟ ଆଗରେ ମଞ୍ଚର ୧୧୦ତମ ଘଣ୍ଟଯାତ୍ରା ମେଡିକାଲରେ ବିଭିନ୍ନ ସେବାର ଘରୋଇକରଣ ନିଷ୍ପତ୍ତିକୁ ବିରୋଧ କରାଯିବା ସହ ଘଣ୍ଟ ବଜାଇ ପ୍ରତିବାଦ କରାଯାଇଥିଲା ।



ଆରଡିସି ଅଫିସ ଆଗରେ ମାନବ ଅଧିକାର ସୁରକ୍ଷା ମଞ୍ଚର ବିକ୍ଷୋଭ ।

ମେଡିକାଲରେ ପିପିପି ମାଧ୍ୟମରେ ସେବା ପ୍ରଦାନ ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ ତୁରନ୍ତ ବାତିଲ କରାଯାଉ । ଏହା ପରିବର୍ତ୍ତେ ସ୍ୱାସ୍ଥ୍ୟ ଓ ଚିକିତ୍ସାର ବିକାଶ ପାଇଁ ଆବଶ୍ୟକ ଡାକ୍ତର, ଟେକ୍ନିସିଆନ ନିଯୁକ୍ତି, ଯନ୍ତ୍ରପାତି, ପରୀକ୍ଷା ଏବଂ ଔଷଧ ଯୋଗାଣ କ୍ଷେତ୍ରରେ ଅଧିକ ଅର୍ଥ ବ୍ୟୟ କରିବା ଉପରେ ଗୁରୁତ୍ୱ ଦେବାର ଅବଶ୍ୟକତା ଥିବା ମଞ୍ଚ ପକ୍ଷରୁ କୁହାଯାଇଥିଲା । ମୋ ସରକାରକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ସେବା କ୍ଷେତ୍ରରେ ପିପିପି ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ମଞ୍ଚ ଦାବି କରିଥିଲା । ଏମ୍‌କେସିଜିରେ ନ୍ୟୁରୋସର୍ଜରୀ, ଶିଶୁ ସର୍ଜରୀ, ନ୍ୟୁରୋଲୋଜି, ୟୁରୋଲୋଜି ଓ ନେଫ୍ରୋଲୋଜି ଭଳି ସମସ୍ତ ବିଭାଗ ଆବଶ୍ୟକ ଡାକ୍ତର, ଟେକ୍ନିସିଆନ ପଦବୀ ପୂରଣ କରିବା, ବ୍ରହ୍ମପୁର ଗୁରୁଦେବ ହସ୍ପିଟାଲରେ ଚିକିତ୍ସାଗତ ଅବହେଳାରେ ମୃତ୍ୟୁ ଘଟିଥିବା ଐଶ୍ୱର୍ଯ୍ୟା ସିଂଦେଓଙ୍କ ପରିବାରକୁ ନ୍ୟାୟ ଦେବାସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଞ୍ଚ କ୍ଷୋଭ ପ୍ରକାଶ କରିଥିଲା। ଏଥିସହ ମେଡିକାଲରେ ଟ୍ରମାକେୟାର ସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ସ୍ୱତନ୍ତ୍ର ବର୍ଣ୍ଣକେୟାର ସେଣ୍ଟର ସ୍ଥାପନ, ମହିଳା ଓ ଶିଶୁ ବିଭାଗ ପାଇଁ ୧୦୦ ସ୍ୱତନ୍ତ୍ର କ୍ୟାବିନ୍ ନିର୍ମାଣ ଓ କ୍ୟାବିନ୍ ଫି ଦର ବୃଦ୍ଧି ବନ୍ଦ କରିବା ଭଳି ପ୍ରମୁଖ ୧୧ ଦଫା ଦାବିକୁ ତୁରନ୍ତ ପୂରଣ କରିବାକୁ ମଞ୍ଚ ପକ୍ଷରୁ କୁହାଯାଇଥିଲା । ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭ ସମାବେଶରେ ମଞ୍ଚ ସଂଯୋଜକ ଅବନୀ କୁମାର ଗୟାଙ୍କ ସମେତ ଲକ୍ଷ୍ମୀ ନୃସିଂହ ରଥ, ରାଜା ସୁରେଶ, ଶ୍ୟାମସୁନ୍ଦର ଖାଡଙ୍ଗା, ମହେଶ୍ୱର ବାଡତ୍ୟା ଓ ସୁବାସ ଚନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ ।

# ଖୋଲିଲା ସ୍ୱତନ୍ତ୍ର କୋର୍ଟ

ବ୍ରହ୍ମପୁର ଅଫିସ,୨୪।୨

ଜିଲା ଜଜ୍‌ଙ୍କ କୋର୍ଟ ପରିସରରେ ସୋମବାର ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାଜିଷ୍ଟ୍ରେଟ ଭାବେ ଟ୍ରେନିଂ ନେବା ଲାଗି ଆଇନ ବିଭାଗ ଅନୁମତି କ୍ରମେ ବ୍ରହ୍ମପୁରରେ ଏକ ସ୍ୱତନ୍ତ୍ର କୋର୍ଟ ଖୋଲିଛି। ସୋମବାର ଓଡିଶାରେ ଏଭଳି ୫ କୋର୍ଟ ଖୋଲିଥିବା ବେଳେ ସେଥିରୁ ବ୍ରହ୍ମପୁର କୋର୍ଟ ଅନ୍ୟତମ। ହାଇକୋର୍ଟର ସ୍ୱତନ୍ତ୍ର ପ୍ରଶାସନିକ ଅଫିସର ଏ.ମିଶ୍ରଙ୍କ ନିର୍ଦ୍ଦେଶରେ ଟ୍ରେନି ଆଇଏଏସ୍ କୀର୍ତ୍ତି ଭାସନ ଭି ସ୍ୱତନ୍ତ୍ର ମାଜିଷ୍ଟ୍ରେଟ ଭାବେ ସୋମବାର ଏହି ସ୍ୱତନ୍ତ୍ର କୋର୍ଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୨୫ ମାମଲା ଫଇସଲା କରିବା ପାଇଁ ତାଙ୍କ ନିକଟକୁ ଫାଇଲ ପଠାଯାଇଥିଲା। ଜଣେ ଆଇନଜୀବୀଙ୍କ ମୃତ୍ୟୁ ଯୋଗୁ ସୋମବାର କୋର୍ଟ କାର୍ଯ୍ୟ ବନ୍ଦ ରହିଥିବାରୁ ଉକ୍ତ ମାମଲାଗୁଡିକ ପରିଚାଳନା ପାଇଁ ପରବର୍ତ୍ତୀ ତାରିଖ ଧାର୍ଯ୍ୟ କରାଯାଇଥିବା ଜଣାପଡିଛି।




# ସରକାରଙ୍କ ଧାନ କିଣା ବନ୍ଦ, ଚାଷୀ ହତାଶ

**ବେଗୁନିଆପଡ଼ା,୨୪।୨(ଡି.ଏନ୍.ଏ.)**

ରାଜ୍ୟ ସରକାର ଚଳିତ ବର୍ଷ ନୂତନ ଭାବେ ଟୋକନ ବ୍ୟବସ୍ଥା କରି ଚାଷୀମାନଙ୍କଠାରୁ ଧାନ କିଣୁଛନ୍ତି। ମାତ୍ର ଚାଷୀ ସୁବିଧା ପାଇବା ପରିବର୍ତ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ବେଗୁନିଆପଡ଼ା ବ୍ଲକରେ। ନଭେମ୍ବରରେ ସରକାର ଧାନ କିଣିବା ପାଇଁ ଘୋଷଣା କରିଥିଲେ ମଧ୍ୟ ବେଗୁନିଆପଡ଼ା ବ୍ଲକରେ ଜାନୁୟାରୀରୁ ଧାନ କ୍ରୟ କରାଯାଇଥିଲା। ବିଳମ୍ବରେ ହେଉମଧ୍ୟ ଚାଷୀ ମଣ୍ଡିରେ ଧାନ ବିକିବେ ବୋଲି ଆଶା ରଖିଥିବାବେଳେ ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ଟୋକନ ଉଭାନ ହୋଇଯାଇଛି। ଟୋକନ ଆସିବାର ୧୫ ଦିନ ମଧ୍ୟରେ ଚାଷୀ ମଣ୍ଡିକୁ ଧାନ ଦେବାର ନିୟମ ରହିଛି। ମାତ୍ର ଫେବୃୟାରୀ ପ୍ରଥମ ସପ୍ତାହରେ ଟୋକନ ପାଇଥିବା ଚାଷୀ ସାତଦିନ ପରେ ମଣ୍ଡିକୁ ଧାନ ଦେବାକୁ ଯିବାବେଳେ ଟୋକନ କଟି ଯାଇଥିବା ସମ୍ପାଦକ କହିଥିଲେ ବୋଲି ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଏପରି କି ସେହିଦିନ ଠାରୁ ଆଉ ଟୋକନ ଆସୁନାହିଁ ବୋଲି ଚାଷୀ, ସମବାୟ ସମ୍ପାଦକ ମାନେ କହୁଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ଶରତ ଚନ୍ଦ୍ର ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ଆମ ବ୍ଲକରେ ବର୍ତ୍ତମାନ ସୁଦ୍ଧା ୨୦,୭୭୦୮.୭୯ କୁଇଣ୍ଟାଲ ଟାର୍ଗେଟ ଥିବାବେଳେ କ୍ରୟ କରାଯାଇଛି ୧୫,୮୧୫୩.୪୯ ବଳକା ୪୯୫୫୫.୩୦ କୁଇଣ୍ଟାଲ ଧାନ ଟୋକନ ନ ଆସିବାରୁ କ୍ରୟ କରାଯାଇପାରିନାହିଁ। ଟୋକନ ଆସିଲେ ସଙ୍ଗେସଙ୍ଗେ ଧାନ କିଣା ଆରମ୍ଭ ହେବ ବୋଲି କହିଥିଲେ। ଶୀଘ୍ର ଟୋକନ ଆସିଯିବ ବୋଲି ସେ ଅନୁମାନ କରୁଥିବା ମଧ୍ୟ କହିଛନ୍ତି।

ଅନ୍ୟପକ୍ଷରେ ଜିଲା ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ସୂପକାରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଧାନ କ୍ରୟ ବନ୍ଦ ହୋଇନାହିଁ। ବର୍ତ୍ତମାନ ବି କ୍ରୟ କରାଯାଉଥିବା ଅନ୍‌ଲାଇନ ତଥ୍ୟରୁ ଜଣାପଡୁଛି। ଧାନକିଣା ବନ୍ଦ ହୋଇଯାଇଥିଲେ ମଧ୍ୟ ଅନ୍‌ଲାଇନରେ କିପରି ଧାନକିଣା ଯାଉଥିବା ଶୋ କରୁଛି ତାହା ତଦନ୍ତ ସାପେକ୍ଷ। ମାତ୍ର ଏସବୁ ଭିତରେ ଧାନ ବିକି ନ ପାରି ଚାଷୀ ହନ୍ତସନ୍ତ ହେଉଛନ୍ତି। ଦିନେ ଦୁଇଦିନ ଭିତରେ ବର୍ଷା ସମ୍ଭାବନାନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାବେଳେ ବାହାରେ ଅମଳ ଧାନ ଗଦାକରି ରଖିଥିବା ଚାଷୀମାନେ ଏବେ ଚିନ୍ତାରେ ପଡିଛନ୍ତି। ଆଉ ମଣ୍ଡିକୁ ଅପେକ୍ଷା ନ କରି କମ୍ ଦରରେ ଦଲାଲଙ୍କୁ ଧାନ ବିକି ଦେଉଛନ୍ତି। ତୁରନ୍ତ ଟୋକନ ଇସ୍ୟୁ କରି ଧାନ କ୍ରୟ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

**ବିଭାଗୀୟ ଅଧିକାରୀଙ୍କ କଥାରେ ରହୁନାହିଁ ତାଳମେଳ**



ଦଲାଲଙ୍କୁ ଧାନ ବିକ୍ରୟ କରୁଛନ୍ତି ଚାଷୀ।

# ନିଷ୍ଟ ରେଜିଷ୍ଟ୍ରାରଙ୍କୁ ମାଡ଼, ହତ୍ୟା ଧମକ ଅଭିଯୋଗ

## ପଚରାଉଚରା ପରେ ୫ ଜାମିନରେ ଗଲେ

**ଗୋପାଳପୁର,୨୪।୨**

ଗୋଳନ୍ଥରା ଥାନା ପାଲୁର ହିଲ ନିକଟ ନିଷ୍ଟ ଅନୁଷ୍ଠାନରେ ଗତ କିଛିମାସ ହେଲା ପରିଚାଳନା କମିଟିର ବିବାଦ ଲାଗି ରହିଛି। ସୋମବାର ନିଷ୍ଟ ରେଜିଷ୍ଟ୍ରାରଙ୍କୁ ଦୁର୍ବୃତ୍ତମାନେ ମାଡମାରିବା ସହ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିବା ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ରେଜିଷ୍ଟ୍ରାର କ୍ଷୀରୋଦ ମହାପାତ୍ରଙ୍କ ଏତଲା କ୍ରମେ ପୋଲିସ ନଂ.୫୪/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ମାମଲାରେ ପୋଲିସ ୫ ଜଣଙ୍କୁ ଥାନାକୁ ନେଇ ପଚରାଉଚରା କରି ଅପରାହ୍ନରେ ଜାମିନରେ ଛାଡି ଦେଇଥିବା ଥାନାଧିକାରୀ ବାବୁଲି ନାୟକ କହିଛନ୍ତି।

ପ୍ରକାଶ ଯେ, ନିଷ୍ଟ ପରିଚାଳନା କମିଟିର ନିର୍ଦ୍ଦେଶକ ଓ ଚେୟାରମ୍ୟାନଙ୍କ ମଧ୍ୟରେ ବାଦବିବାଦ ଲାଗି ରହିଛି। ନିର୍ଦ୍ଦେଶକ ବିଭିନ୍ନ କାରଣ ଦେଖାଇ ବେଆଇନ ଭାବେ ରେଜିଷ୍ଟ୍ରାରଙ୍କୁ ବହିଷ୍କାର କରିଥିଲେ। ଏ ନେଇ ଛାତ୍ରୀଛାତ୍ର ଏବଂ କର୍ମଚାରୀମାନେ ଆନ୍ଦୋଳନ ଓ ଧାରଣା ଦେଇଥିଲେ। କିଛି ଦିନ ପରେ ଚେୟାରମ୍ୟାନ ଓ ପ୍ରିନ୍ସିପାଲ ମିଶି କହିବା ପରେ ଧାରଣା ହଟିଥିଲା। ସୋମବାର ପୂର୍ବାହ୍ନରେ ଅତିଥି ଭବନରେ ରେଜିଷ୍ଟ୍ରାର ଛିଡା ହୋଇଥିବା ବେଳେ ହଠାତ ଏକ ଇନୋଭାରେ ୫ରୁ ୬ ଜଣ ଦୁର୍ବୃତ୍ତ ଆସି ନିଷ୍ଟର ନିର୍ଦ୍ଦେଶକ ଆମକୁ ଚିଠି ଦେଇ ପଠେଇଛନ୍ତି ଆପଣଙ୍କୁ ବାହାର କରିବା ପାଇଁ, ଆପଣ ତୁରନ୍ତ ଯାଆନ୍ତୁ କହିବା ସହ ଠେଲାପେଲା କରି ମାଡ ମାରିଥିଲେ। ଏଥିସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। କ୍ଷୀରୋଦଙ୍କ ପାଟି ଶୁଣି ଛାତ୍ରୀଛାତ୍ର ଓ କର୍ମଚାରୀ ଘେରି ଯାଇଥିଲେ। ଖବର ପାଇ ଗୋଳନ୍ଥରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୫ ଜଣଙ୍କୁ କାବୁ କରିଥିଲା। ଏଭଳି ଘଟଣା ଫଳରେ ଛାତ୍ରୀଛାତ୍ର ଓ କର୍ମଚାରୀ ଭୟଭୀତ ଅଛନ୍ତି। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଛାତ୍ରୀଛାତ୍ର ଓ କର୍ମଚାରୀ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ନେଇ ରେଜିଷ୍ଟ୍ରାରଙ୍କୁ ପଚାରିବାରୁ ଗଭର୍ଣ୍ଣିଂ ବଡିଙ୍କ ଦ୍ୱାରା ମୁଁ ନିଯୁକ୍ତି ପାଇଛି। ମତେ କେହି ବହିଷ୍କାର କରିବାର ଅଧିକାର ନାହିଁ। କେତେଜଣ ଦୁର୍ବୃତ୍ତ ମାଡ଼ ମାରି ଧମକ ଦେଇଥିବା ସେ କହିଥିଲେ।

# ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ଜଣେ ଗିରଫ

**ଗଞ୍ଜାମ,୨୪।୨(ଡି.ଏନ୍.ଏ.)**

ରମ୍ଭା ଥାନା ରଘୁନାଥପୁର ଗ୍ରାମରେ ଏକ ବିବାହ ଭୋଜି ଖାଇବାକୁ ଯିବା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ରବିବାର ରାତିରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ପୋଲିସ ନଂ. ୪୨/୨୦ରେ ମାମଲା ରୁଜୁ କରି ହୁମ୍ମାର ଜିତେନ୍ଦ୍ର ସ୍ୱାଇଁଙ୍କୁ ସୋମବାର କୋର୍ଟଚାଲାଣ କରିଥିବା ରମ୍ଭା ଥାନା ଆଇଆଇସି କୃଷ୍ଣ ଚନ୍ଦ୍ର ସେଠୀ କହିଛନ୍ତି। ପ୍ରକାଶ ଯେ, ରବିବାର ରଘୁନାଥପୁର ଭୋଜିରେ ଯିବା ବେଳେ ସୁବଳୟା ଗ୍ରାମର ଜଣେ ବ୍ୟକ୍ତି ରାସ୍ତାରେ ହଠାତ୍ ବାଇକ୍ ରଖିଦେବାରୁ ପଛରୁ ଆସୁଥିବା ହୁମ୍ମା ପିଲାଙ୍କ ସହ ଝଗଡା ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏହି ଗଣ୍ଡଗୋଳରେ ବାଇକ୍ ଭାଙ୍ଗି ଯାଇଥିବା ଜଣାପଡ଼ିଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ